**Core X** **ଚତୁର୍ଥ ପର୍ଯ୍ୟାୟ (Semester-IV)**

# ଓଡ଼ିଆ କଥାସାହିତ୍ୟ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

କଥାସମ୍ରାଟ ଫକୀରମୋହନଙ୍କଠାରୁ ଆରମ୍ଭକରି ରାମଚନ୍ଦ୍ର ବେହେରାଙ୍କ ପର୍ଯ୍ୟନ୍ତ ଓଡ଼ିଆ କଥାସାହିତ୍ୟର ବୈଭବମୟ ବିକାଶ ସହିତ ବିଭିନ୍ନ ମୋଡ଼ଦେଇ ଆମର ଗଳ୍ପ ଓ ଉପନ୍ୟାସ କିପରି ଗତିକରି ଆସିଛି, ତାହା ଏହି ପାଠ୍ୟପତ୍ରରୁ ଉପଲବ୍ଧ ହେବ । କେତେଜଣ ପ୍ରତିନିଧିଶ୍ରେଣୀୟ ଲେଖକଙ୍କ ରଚନାକୁ ଏହି ପତ୍ରରେ ଅଧ୍ୟୟନ କରି ଛାତ୍ରଛାତ୍ରୀ ଓଡ଼ିଆ ଗଳ୍ପ ଓ ଉପନ୍ୟାସ ସାହିତ୍ୟ ସମ୍ପର୍କରେ ଧାରଣା ଲାଭକରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଫକୀରମୋହନଙ୍କ 'ଲଛମା' ଏକ ସ୍ମରଣୀୟ ଐତିହାସିକ ଉପନ୍ୟାସ । ଓଡ଼ିଶାରେ ବର୍ଗୀ ଅତ୍ୟାଚାରର ବିଷୟ ଏଥିରେ ସମନ୍ୱିତ । ସେହିପରି କାଳିନ୍ଦୀ ଚରଣଙ୍କ 'ଆଜିର ମଣିଷ' ଉପନ୍ୟାସରେ ଭାରତ ସ୍ୱାଧୀନତାକାଳୀନ ବିବିଧ ଘଟଣାବଳୀର ପ୍ରତିବିମ୍ବ କିପରି ଉଦ୍ଭାସିତ, ତାହା ଛାତ୍ରଛାତ୍ରୀ ଅଧ୍ୟୟନ ମାଧ୍ୟମରେ ଜାଣିପାରିବେ ।

**୨ୟ ଏକକ :** ଗୋପୀନାଥ ମହାନ୍ତିଙ୍କ 'ଦାଦିବୁଢ଼ା' ହେଉ ବା ସୁରେନ୍ଦ୍ର ମହାନ୍ତିଙ୍କର 'କାଳାନ୍ତର', ଉଭୟରେ ଯଥାକ୍ରମେ ଓଡ଼ିଶାର ଆଦିବାସୀ ଜନଜୀବନ ଓ ପ୍ରାକୃତିକ ବିପର୍ଯ୍ୟୟର ସଂକେତ ନିହିତ । ଆମ ଉପନ୍ୟାସ ସାହିତ୍ୟରେ ସାମାଜିକ ବାସ୍ତବତାର ଲକ୍ଷଣକୁ ଛାତ୍ରଛାତ୍ରୀ ଅବଶ୍ୟ ଅଧ୍ୟୟନ ମାଧ୍ୟମରେ ଜାଣିପାରିବେ ।

**୩ୟ ଏକକ :** ରେବତୀ, ଏବେ ମଧ ବଞ୍ଚିଛି, ଶିକାର ଓ ଡିମିରିଫୁଲ ଓଡ଼ିଆ ସାହିତ୍ୟର ଚାରିଗୋଟି ଲୋକପ୍ରିୟ ଗଳ୍ପ । ଏଥିରୁ ଶିକ୍ଷାବ୍ୟବସ୍ଥା, ଦେଶପ୍ରେମ ଓ ଓଡ଼ିଆ ଜାତିର ସ୍ୱାଭିମାନ ସହିତ ମାର୍କ୍ସବାଦୀ ଚେତନା ଓ ମାନବୀୟ ମନସ୍ତତ୍ତ୍ୱର ନିଖୁଣ ଚିତ୍ର ଛାତ୍ରଛାତ୍ରୀ ଅବଗତ ହୋଇପାରିବେ ।

**୪ର୍ଥ ଏକକ :** ରଚନାର ପରିମାଣ ଓ ଗୁଣବତ୍ତା ଦୃଷ୍ଟିରୁ ମନୋଜ ଦାସ, ଶାନ୍ତନୁ ଆଚାର୍ଯ୍ୟ, ବୀଣାପାଣି ମହାନ୍ତି ଓ ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ସେମାନଙ୍କର ଏକ ଏକ ଗଳ୍ପ ପଠନଦ୍ୱାରା ଶିକ୍ଷାର୍ଥୀମାନେ ଓଡ଼ିଆ ଗଳ୍ପ ସାହିତ୍ୟର ସାମଗ୍ରିକ ମୂଲ୍ୟବୋଧକୁ ଆକଳନ କରି ପାରିବେ ।

## ପାଠ୍ୟ ବିଷୟ

**୧ମ ଏକକ :** ଲଛମା – ଫକୀର ମୋହନ ସେନାପତି **କିମ୍ବା** ଆଜିର ମଣିଷ - କାଳିନ୍ଦୀ ଚରଣ ପାଣିଗ୍ରାହୀ

**୨ୟ ଏକକ :** ଦାଦିବୁଢ଼ା - ଗୋପୀନାଥ ମହାନ୍ତି **କିମ୍ବା** କାଳାନ୍ତର- ସୁରେନ୍ଦ୍ର ମହାନ୍ତି

**୩ୟ ଏକକ :** ରେବତୀ –ଫକୀରମୋହନ ସେନାପତି, ଏବେ ମଧ ବଂଚିଛି–ଗୋଦାବରୀଶ ମହାପାତ୍ର,
ଶିକାର - ଭଗବତୀ ଚରଣ ପାଣିଗ୍ରାହୀ, ଡିମିରି ଫୁଲ- ଅଖିଳ ମୋହନ ପଟ୍ଟନାୟକ

**୪ର୍ଥ ଏକକ :** କ) ସୁନା ମେଡାଲ - ମନୋଜ ଦାସ
ଖ) କଳାପର୍ଦ୍ଦାର ଆରପଟେ- ଶାନ୍ତନୁ କୁମାର ଆଚାର୍ଯ୍ୟ
ଗ) ପାଟଦେଇ- ବୀଣାପାଣି ମହାନ୍ତି

ଘ) ଗୋପପୁର- ରାମଚନ୍ଦ୍ର ବେହେରା

**ସହାୟକ ଗ୍ରନ୍ଥସୂଚୀ (Book of reference):**


୧. ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ – ପଠାଣି ପଟ୍ଟନାୟକ, ଓଡ଼ିଶା ବୁକ୍ ଷ୍ଟୋର, କଟକ

୨. କଥାଶିଳ୍ପୀ ମନୋଜ ଦାସ - ଶତ୍ରୁଘ୍ନ ପାଣ୍ଡବ

୩. ଓଡ଼ିଆ ଗଳ୍ପର ଗତି ଓ ପ୍ରକୃତି – ବୈଷ୍ଣବ ଚରଣ ସାମଲ – ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୪. ଶହେ ପଚିଶ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ : ଏକ ତାତ୍ତ୍ୱିକ ବିଶ୍ଳେଷଣ –ଡକ୍ଟର କବିତା ବାରିକ, ବିଦ୍ୟାପୁରୀ, କଟକ

୫. ଗୋପୀନାଥ ମହାନ୍ତିଙ୍କ କଥା ସାହିତ୍ୟର ବ୍ୟାପ୍ତି ଓ ଦୀପ୍ତି - ସଂ. ବିଜୟ କୁମାର ଶତପଥୀ, ଲିପି ହେମ୍ବ୍ରମ୍, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

୬. ଗୋପୀନାଥ ମହାନ୍ତି ସ୍ରଷ୍ଟା ମାନସ – ସାରଳା ସାହିତ୍ୟ ସଂସଦ, କଟକ

୭. ରାମଚନ୍ଦ୍ର ବେହେରାଙ୍କ କଥାସାହିତ୍ୟରେ ସ୍ଥାପତ୍ୟ ଓ ବୈଚିତ୍ର୍ୟ - ଗିରୀଶ ଚନ୍ଦ୍ର ସାହୁ, ବିଦ୍ୟାପୁରୀ, କଟକ

୮. ସାହିତ୍ୟସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ- ସଂ. ବାଉରୀବନ୍ଧୁ କର, ଗ୍ରନ୍ଥମନ୍ଦିର, କଟକ


**ପାଠ୍ୟପୁସ୍ତକ( Text Books):**

୧. ଦାଦିବୁଢ଼ା - ଗୋପୀନାଥ ମହାନ୍ତି,

୨. ଗୋପପୁର -ରାମଚନ୍ଦ୍ର ବେହେରା

୩. ମନୋଜ ପଂଚବିଂଶତି - ମନୋଜ ଦାସ

୪. କଳାପର୍ଦ୍ଦାର ଆରପଟେ - ଶାନ୍ତନୁ କୁମାର ଆଚାର୍ଯ୍ୟ

୫. ଆଜିର ମଣିଷ - କାଳିନ୍ଦୀ ଚରଣ ପାଣିଗ୍ରାହୀ

୬. କାଳାନ୍ତର - ସୁରେନ୍ଦ୍ର ମହାନ୍ତି

୭. ଲଛମା - ଫକୀରମୋହନ ସେନାପତି

**ନମୁନା ପ୍ରଶ୍ନ** (Sample Questions):

୧. ଲଛମା ଉପନ୍ୟାସଟି କେଉଁ ମସିହାରେ ପ୍ରକାଶିତ ? (୧ ମାର୍କ)

୨. ସୁରେନ୍ଦ୍ର ମହାନ୍ତିଙ୍କ ଦୁଇଟି ଐତିହାସିକ ଉପନ୍ୟାସର ନାମ ଲେଖ । (୨ ମାର୍କ)

୩. ଏବେ ମଧ୍ୟ ବଞ୍ଚିଛି ଗଳ୍ପରେ ଓଡ଼ିଆ ଜାତିର ସ୍ୱାଭିମାନ କିପରି ଫୁଟିଛି ଦର୍ଶାଅ ? (୫ ମାର୍କ)

୪. ନାରୀ ନିର୍ଯ୍ୟାତନାର ପୃଷ୍ଠଭୂମିରେ ରଚିତ ପାଟଦେଈ ଗଳ୍ପର ସାହିତ୍ୟିକ ମୂଲ୍ୟ ନିର୍ଦ୍ଧାରଣ କର । (୮ ମାର୍କ)